**ନାମ- ଜୟନ୍ତୀ ରାଉତ**

**ଗ୍ରାମ- ବରଗାଁ, ବ୍ଲକ୍- ବଲାଙ୍ଗିର, ଜିଲ୍ଲା-ବଲାଙ୍ଗିର**

**<u>ପ୍ରଚ୍ଛଦ ବିବରଣୀ-</u>**

- ଜୟନ୍ତୀ ବଲାଙ୍ଗିର ଜିଲ୍ଲାର ଜଣେ ଅଗ୍ରଣୀ କୃଷିଜୀବି ମହିଳା ।
- ତାଙ୍କର ପାଖାପାଖି ୨ ୦ ହେକ୍ଟର ଜମି ଅଛି । ସେଥିରେ ସେ ବର୍ଷକୁ ଧାନ ୩୫ ଏକର, ଲଙ୍କା ୧ ୦ ଏକର, ବରଗୁଡି ୧ ଏକର, କଲରା ୩ ଏକର, ବାଇଗଣ ୧ ଏକର ଜମିରେ ଚାଷ କରିଥାନ୍ତି ।
- ବାର୍ଷିକ ହାରାହାରି ୧୫-୧୬ ଲକ୍ଷଟଙ୍କା ରୋଜଗାର କରିବା ସହ ଅନ୍ୟ ମାନଙ୍କୁ ଚାଷ ପାଇଁ ଉତ୍ସାହିତ କରିଥାନ୍ତି ।

**<u>କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା -</u>**

- ଲଙ୍କା ଚାଷ, ପନିପରିବା ଚାଷ କିଭଳି ଉନ୍ନତ ଭାବେ କରି ଅଧିକ ଅମଳ ପାଇବେ ସେଥିପାଇଁ ଜ୍ଞାନକୌଶଳ ଯୋଗାଇ ଦେଇଛୁ ।
- ତାଙ୍କୁ ଉନ୍ନତ ଚାଷର ଜ୍ଞାନକୌଶଳ ଯଥା- ରୋଗପୋକ ନିୟନ୍ତ୍ରଣ, ଉତ୍ତମ ବିହନ ଉତ୍ପାଦନ କୌଶଳ, ଛତୁଚାଷ, ଉତ୍ତମ କିଶମର ପନିପରିବା ଓ ଧାନ ଲଗାଇ ଉତ୍ପାଦନ କରିବା ପାଇଁ ତାଲିମ ଦିଆଯାଇଛି ।
- ସେ ସର୍ବଦା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହ ଚାଷ ସମ୍ବନ୍ଧୀୟ ପରାମର୍ଶ ନେଇଥାନ୍ତି ।

**<u>ବର୍ତ୍ତମାନର ସ୍ଥିତି -</u>**

- ବର୍ତ୍ତମାନ ସେ ଉନ୍ନତ ଜ୍ଞାନକୌଶଳର ତାଲିମ ଓ ଶିକ୍ଷା ପାଇ ଅହୁରି ନିଜର ବାର୍ଷିକ ଲାଭକୁ ବୃଦ୍ଧି କରିବା ପାଇଁ ଇଚ୍ଛୁକ ।

**<u>ପ୍ରଭାବ -</u>**

- ତାଙ୍କୁ ଅନୁସରଣ କରି ଅନ୍ୟାନ୍ୟ ଚାଷୀମାନେ ଲଙ୍କା ଚାଷରେ ଆଗ୍ରହ ନେଇ ଚାଷକରି ଅର୍ଥ ଉପାର୍ଜନ କରୁଛନ୍ତି ।
- ତାଙ୍କ ପ୍ରୋତ୍ସାହନରେ ଅନ୍ୟ କୃଷିଜୀବି ମହିଳା ଛତୁଚାଷ, ପନିପରିବା ଚାଷ କରି ଭଲ ଅର୍ଥ ଓ ଲାଭ ପାଇପାରୁଛନ୍ତି ।








